To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.310, ଭଦ୍ରକ, ବୁଧବାର, ୧୬, ମଇ ୨୦୧୮ ■ Bhadrak, Wednesday, 16 May 2018 Rs. 2.00 Pages-8

ଗୋଦାବରୀ ନଦୀରେ ଡଙ୍ଗା ଓଲଟି ୨୩ ନିଖୋଜ

ଆଜି ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ମହାନଦୀ ମହାସଂଗ୍ରାମ !

ଭୁବନେଶ୍ୱର ୧୫।୫ (ସକାଳ ଖବର): ମହାନଦୀକୁ ନେଇ ବିଜେଡି ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆସନ୍ତାକାଲି ଠାରୁ ଆରମ୍ଭ ହେବ । ମହାନଦୀ ଅବବାହିକାର ୧୫ଟି ଜିଲ୍ଲାରେ ଜନଜାଗରଣ ପକ୍ଷରେ ବୁଧବାର ଠାରୁ ଓଡ଼ିଶା ଭିତରକୁ ମହାନଦୀର ପ୍ରବେଶ ସ୍ଥଳ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ସୁଖାଶୋଡ଼ା ଏବଂ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଚିଖଲି ଠାରୁ ମହାନଦୀ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଆସନ୍ତାକାଲି ସକାଳ ୯ଟା ସମୟରେ ସୁଖାଶୋଡ଼ା ଠାରେ ଏବଂ ସକାଳ ୧୦ଟା ସମୟରେ ଚିଖଲି ଠାରେ ମହାସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନର ନେତୃତ୍ୱ ନେବେ। ଏହି ଅଭିଯାନ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, କଟକ, ଖୋର୍ଦ୍ଧା, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ଜଗତସିଂହପୁର ଜିଲ୍ଲାର ନିର୍ଦ୍ଧାରିତ ରୁଟଚାର୍ଟରେ ପଥପ୍ରାନ୍ତ ସଭା, ସାଧାରଣ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ସଚେତନତା କରାଯିବା ସହ ମହାନଦୀ ସମସ୍ୟା ସଂପର୍କିତ ସତ୍ୟ-ତଥ୍ୟ ପୁସ୍ତିକା (ପୃଷ୍ଠା-୭)

କର୍ଣ୍ଣାଟକ ସସ୍‌ପେନ୍ସ

- ଜେଡିଏସ୍‌କୁ କଂଗ୍ରେସର ସମର୍ଥନ ଘୋଷଣା
- କିଙ୍ଗମେକର୍‌ରୁ କିଙ୍ଗ୍ ହେବ ଜେଡିଏସ୍
- କୁମାରସ୍ୱାମୀଙ୍କ ମୁଖ୍ୟମନ୍ତ୍ରୀ ସମ୍ଭାବନା ଅଧିକ
- ମ୍ୟାଜିକ୍ ଅଙ୍କ କେହି ଛୁଇଁପାରିଲେନି
- ରାହୁଲଙ୍କ ନେତୃତ୍ୱ ପ୍ରତି ପ୍ରଶ୍ନ
- ରାଜ୍ୟପାଳଙ୍କୁ ଭେଟିଲେ ବିଜେପି, ଜେଡିଏସ୍
- ବିଚାରବିମର୍ଶ ପରେ ନିଷ୍ପତ୍ତି : ରାଜ୍ୟପାଳ



ବେଙ୍ଗାଲୁରୁ, ୧୫।୫ : କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ସବୁଠାରୁ ବଡ଼ ଝଟକା ଦେଇ ବିଜେପି ଏକ ନମ୍ବର ଦଳ ଭାବେ ସାମନାକୁ ଆସିଛି । କାହାକୁ ମିଳିନାହିଁ ସରକାର ଗଢିବା ପାଇଁ ଆବଶ୍ୟକ ହେଉଥିବା ସଂଖ୍ୟା । ରିପୋର୍ଟ ଫାଇଲ ହେବା ପର୍ଯ୍ୟନ୍ତ ୧୦୪ଟି ଆସନ ସହ ବିଜେପି ସବୁଠାରୁ ଆଗରେ ରହିଛି । ଗତଥର ମାତ୍ର ୪୦ଟି ଆସନରେ ସନ୍ତୁଷ୍ଟ ହୋଇଥିବା ବିଜେପି ଏଥର କମାଲ ପ୍ରଦର୍ଶନ କରି ୧୦୦ ଆସନ ଟପି ଯାଇଛି । ଅନ୍ୟପଟେ ଶାସକ ଦଳ କଂଗ୍ରେସକୁ ସବୁଠାରୁ ବଡ଼ ଝଟକା ଲାଗିଛି । ୭୮ଟି ଆସନ ସହ ଦ୍ୱିତୀୟ ସ୍ଥାନରେ ରହିଛି କଂଗ୍ରେସ । ରାହୁଲ ଗାନ୍ଧିଙ୍କ ନେତୃତ୍ୱ ପ୍ରତି ଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି ଏହି ନିର୍ବାଚନ । ଏବଂ ନିର୍ବାଚନ ପୂର୍ବରୁ ଜେଡିଏସକୁ କିଙ୍ଗମେକର୍ ଭୂମିକାରେ ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଥିଲା । ହେଲେ ଫଳାଫଳ ଆସିବା ପରେ ପରିସ୍ଥିତି ଏପରି ହୋଇଛି ଯେ କିଙ୍ଗ ମେକର ନୁହେଁ, ଜେଡିଏସ କିଙ୍ଗ ହେବା ଭଳି ବଡ଼ ସମ୍ଭାବନା ସୃଷ୍ଟି ହୋଇଛି । ତୃତୀୟରେ ଥିବା ଜେଡିଏସକୁ ମିଳିଛି ୩୭ଟି ଆସନ । ଗୋଟିଏ ସିଟରେ ବିଏସପି ଜିତିଥିବା ବେଳେ ଅନ୍ୟାନ୍ୟ ଖାତାକୁ ଯାଇଛି ୨ଟି ଆସନ । କର୍ଣ୍ଣାଟକ ବିଧାନସଭା ନିର୍ବାଚନର ଏହି ଜଟିଳ ଗଣିତ, ଅନେକ ସମ୍ଭାବନାକୁ ଜନ୍ମ ଦେଇଛି । ଏହି ଅଙ୍କ ଏକ ଏଭଳି ଅଙ୍କ ଭାବରେ ଉଭା ହୋଇଛି ଯାହାକୁ କଷିବା କାହା ପାଇଁ ଏତେ ସହଜ ହୋଇ ନାହିଁ । କାରଣ ଏହି ଅଙ୍କ ବିଜେପିକୁ ମ୍ୟାଜିକ୍ ନମ୍ବରଠାରୁ ଯେତିକି ଦୂରରେ ରଖିଛି, କଂଗ୍ରେସ ଓ ଜେଡିଏସକୁ ସେତିକି ନିକଟତର କରିଛି । କଂଗ୍ରେସ ହାତରୁ କର୍ଣ୍ଣାଟକକୁ ଛାଇ ନେବାର ମୋଦିଙ୍କ ପ୍ରୟାସ ସଫଳ ତ ହୋଇଛି କିନ୍ତୁ ନିଜ ହାତକୁ ଶାସନ ଡୋରି ନେବାର ପ୍ରୟାସ ଅଧୁରା ରହିଯାଇଛି । ୨୦୧୩ ବିଧାନସଭା ନିର୍ବାଚନରୁ ୬୦ରୁ ଅଧିକ ଆସନ ହାତେଇଥିବା ବିଜେପି କିନ୍ତୁ ମ୍ୟାଜିକ୍ ନମ୍ବର ଛୁଇଁ ପାରି ନାହିଁ । ଆଉ ଏହାହିଁ କର୍ଣ୍ଣାଟକ ରାଜନୀତିକୁ ସରଗରମ କରି ଦେଇଛି । ସେପଟେ ଗତ ବିଧାନସଭା ନିର୍ବାଚନଠାରୁ ପ୍ରାୟ ୪୪ଟି ଆସନ କମ୍ ପାଇଥିବା କଂଗ୍ରେସ ବିଜେପିକୁ କିନ୍ତୁ ଶାସନ ଗାଦିରୁ ଦୂରରେ ରଖିବା ପାଇଁ ସବୁ ପ୍ରକାର (ପୃଷ୍ଠା-୭)

ଚିକିତ୍ସା ପାଇଁ ଦିଲ୍ଲୀ ଗଲେ ପପୁ

ଭୁବନେଶ୍ୱର, ୧୫।୫ (ସକାଳ ଖବର): - ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଓଲିଉଡ୍‌ର ହାସ୍ୟ ଅଭିନେତା ପପୁ ପମପମ୍ ଓରଫ୍ ତତ୍ତ୍ୱ ପ୍ରକାଶ ଶତପଥୀ ଦିଲ୍ଲୀ ଯାଇଛନ୍ତି । ଏୟାର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଦିଲ୍ଲୀ ଏମସ୍ ପଠାଯାଇଛି । ପପୁ ପାନକ୍ରିୟାଜ୍ ଓ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ଅଛନ୍ତି। ତାଙ୍କ ଚିକିତ୍ସା ପାଇଁ ସନେ ଆସୋସିଏସନ୍ ପକ୍ଷରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ କିଛି ଦିନ ତଳେ ସୁଟିଂ ସେଟରୁ ଘରକୁ ଫେରିବା ସମୟରେ ପପୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ସମ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରା ଯାଇଥିଲା। ସେଠାରେ ସେ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ବେଳେ ଗତକାଲି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ ଦିଲ୍ଲୀ ଏମସ ନେବାକୁ ସ୍ଥିର କରାଯାଇଥିଲା।

ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା

ମାଲକାନଗିରି, ୧୫।୫ (ସକାଳ ଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲା ଦରନା ପାଲ ଥାନା ଚିନ୍ତାଗୁମ୍ଫା ନିକଟସ୍ଥ ତେମେଲବାଡ଼ା ଠାରେ ମାଓବାଦୀମାନେ ଜଣେ ଯୁବକଙ୍କୁ ପୋଲିସ ଇନଫର୍ମର ଦର୍ଶାଇ ହତ୍ୟାକରି ମୃତଦେହକୁ ରାସ୍ତା (ପୃଷ୍ଠା-୭)

ନିର୍ମାଣଧୀନ ପୋଲ ଭୁଶୁଡ଼ିଲା

୧୫ ମୃତ, ବହୁ ଆହତ



- ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା।
- ୫୦ରୁ ଅଧିକ ଲୋକ ଚାପି ରହିଛନ୍ତି
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗୀଙ୍କ ନିର୍ଦ୍ଦେଶ

ବାରାଣସୀ, ୧୫।୫ : ବାରାଣସୀରେ କ୍ୟାଣ୍ଟ ଇଲାକାରେ ନିର୍ମାଣଧୀନ ପୋଲ ଭୁଶୁଡି ପଡ଼ିବାରୁ ଏକ ବଡ଼ ଦୁର୍ଘଟଣା ଘଟି ଯାଇଛି । ଏଠାରେ ନିର୍ମାଣଧୀନ ଫ୍ଲାଏ ଓଭରର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିବାରୁ ଏହାର ତଳେ ଅନେକ ଲୋକ ଓ ଗାଡ଼ି ଦବି ରହିଛି । ଦୁର୍ଘଟଣାରେ ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ ରୁ ଅଧିକ ଲୋକ ଅତଡ଼ା ତେଳେ ଦବି ରହିଥିବାର ଆଶଙ୍କା କରାଯାଉଛି । ଏହି ଦୁଃଖଦ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକଟ କରି ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବାରଣାସୀରେ କ୍ୟାଣ୍ଟ କ୍ଷେତ୍ରରେ ଫ୍ଲାଇ ଓଭରର ନିର୍ମାଣ ଲମ୍ବା ସମୟରୁ ଚାଲିଛି । ମାତ୍ର ମଙ୍ଗଳବାର ସନ୍ଧ୍ୟାରେ ଅଚାନକ ପୋଲର ଏକ ଅଂଶ ଭୁଶୁଡ଼ି ପଡ଼ିଛି । ଏ ପର୍ଯ୍ୟନ୍ତ ୧୫ରୁ ଅଧିକ ଲୋକ ମରିଥିବା ସୂଚନା ସାମ୍ନାକୁ ଆସିଛି । ନିର୍ମାଣଧୀନ ପିଲାର ତଳେ ଅନେକ ଲୋକ, କାର, ଅଟୋ ଓ ଦୁଇ ଚକିଆ ଯାନ ଦବି ରହିଛି । ଏଥିରେ ଲୋକେ ରହିଥିବା ସମ୍ଭାବନା ଅଧିକ ରହିଛି । ତେଣୁ ସ୍ଥିତିକୁ ଦେଖିଲେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ବାରଣାସୀ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଇଛନ୍ତି । ଲୋକଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ଯାଇଛି । ଏହି ଦୁର୍ଘଟଣା ବାରଣାସୀର କ୍ୟାଣ୍ଟ ରେଲୱେ ଷ୍ଟେସନ ନିକଟର କମଳାପତି ତ୍ରିପାଠୀ ଇଣ୍ଟର କଲେଜ ସାମ୍ନାରେ ଘଟିଛି । ଘଟଣାସ୍ଥଳର ଦୃଶ୍ୟ ବହୁତ ବିଭତ୍ସ ରହିଛି । ସ୍ଥାନୀୟ ଲୋକେ ଏବଂ ପୋଲିସ ଉଦ୍ଧାର କାର୍ଯ୍ୟରେ ଜୁଟିଛନ୍ତି ।

ଜୟନାରାୟଣଙ୍କୁ ଜାମିନ୍

ଭୁବନେଶ୍ୱର, ୧୫।୫ (ସକାଳ ଖବର): ବିଜେପି ନେତା ଜୟନାରାୟଣ ମିଶ୍ରଙ୍କୁ ଆଜି ହାଇକୋର୍ଟରୁ ଅନ୍ତରୀଣ ଜାମିନ ମିଳିଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ୫୦ହଜାର ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ବଦଳରେ ତାଙ୍କୁ ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନରେ ଯିବା ଲାଗି ହାଇକୋର୍ଟ ଅନୁମତି ଦେଇଛନ୍ତି । ଜୟନାରାୟଣ ଏବେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ ଯେ ବରଗଡ଼ ଜିଲ୍ଲା ବନାବିରା ଗୁଳିକାଣ୍ଡ ମାମଲାରେ ଗିରଫ ହୋଇଥିବା ଜୟନାରାୟଣ ଖରାପ ସ୍ୱାସ୍ଥ୍ୟବସ୍ଥା ଯୋଗୁଁ ଗତ ଏପ୍ରିଲ ୨୪ରେ ଏସସିବିରେ ଭର୍ତି ହୋଇଥିଲେ।ସେଠାରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଗତ ୫ ତାରିଖରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

ମାନସିକ ବିକୃତ ମହିଳାଙ୍କ ଶବ ଉଦ୍ଧାର !

ଦୁଷ୍କର୍ମ ପରେ ହତ୍ୟା ସନ୍ଦେହ

କୋଣାର୍କ, ୧୫।୫ (ସକାଳ ଖବର): କୋଣାର୍କ ମେଡ଼ିକାଲଛକସ୍ଥିତ ଜଗନ୍ନାଥ ମନ୍ଦିର ସନ୍ନିକଟ ଏକ ପାନ ଦୋକାନ ସମ୍ମୁଖରେ ଜଣେ ମାନସିକ ବିକୃତ ମହିଳାଙ୍କ ଶବ ଉଲଗ୍ନ ଅବସ୍ଥାରେ କୋଣାର୍କ ପୋଲିସ ଉଦ୍ଧାର କରିଥିବା ଜଣାପଡ଼ିଛି । ପାରିପାର୍ଶ୍ୱିକ ଅବସ୍ଥାରୁ ଜଣା ପଡ଼େକି ମହିଳାଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଛି, ଯାହାକି କୋଣାର୍କ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ପ୍ରାପ୍ତ ଖବରରୁ ଜଣାପଡ଼େ କି ଦୀର୍ଘ ଦିନ ଧରି କୋଣାର୍କ ଅଂଚଳରେ ଜଣେ ଅଣ ଓଡ଼ିଆ ମାନସିକ ବିକୃତ ମହିଳା ଭିକ୍ଷାବୃତ୍ତି କରି ଚଳିବା ସହିତ ଜଗନ୍ନାଥ ମନ୍ଦିର ସନ୍ନିକଟ ଏକ ପରିତ୍ୟକ୍ତ ଗୃହ ପାରେ ରହୁଥିଲା । ହେଲେ ଆଜି ତାର ମୃତଦେହ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଏକ ପାନ ଦୋକାନ ସମ୍ମୁଖରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା । ଉକ୍ତ ମହିଳାଙ୍କ ଡାହାଣ ହାତରେ ଖତ ସୃଷ୍ଟି ହୋଇରକ୍ତସ୍ରାବ ହେଉଥିବା ବେଳେ ମହିଳା ଜଣକ ଉପରକୁ ମୁହଁ କରିଥିବା ଦେଖିବାକୁ ମିଳିଛି । ସାଧାରଣରେ ଚର୍ଚ୍ଚା ଧରିଛି କି ଉକ୍ତ ମହିଳାଙ୍କୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଅଛି । ଘଟଣାସ୍ଥଳରେ କୋଣାର୍କ ପୋଲିସ ପହଂଚି ଶବକୁ ଜବତ କରି ପୋଷ୍ଟମର୍ଟମ ନିମନ୍ତେ ପଠାଇବା ସହ ସାଇଂଟିଫିକ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯାଉଥିଲା । ଘଟଣାରେ ସମ୍ପୃକ୍ତ ଥବବା ଅଭିଯୋଗରେ କୋଣାର୍କ ପୋଲିସ ଜଣେ ଯୁବକକୁ ଅଟକ ରଖିଥିବା ଜଣାପଡ଼ିଛି । ଖବର ଲେଖା ହୋବେଳକୁ ଥାନାରେ ମାମଲା ରୁଜୁ ହୋଇନଥିବା ବେଳେ ଘଟଣା କିପରି ଘଟିଲା ଓ ଏହି ଘଟଣାରେ ଅନ୍ୟ ଏକ ସମ୍ପୃକ୍ତି ଅଛନ୍ତି ତାର ତଦନ୍ତ ଚାଲୁ ରହିଥିବା ଜଣାପଡ଼ିଛି ।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୧୩.୫.୧୮)
୪,୫୩,୪୧୧

୨୦ ଫୁଟ୍ ତଳକୁ ଖସିଲା କାର୍, ୨ ମୃତ

ସୁନ୍ଦରଗଡ଼, ୧୫।୫ (ସକାଳ ଖବର): ସୁନ୍ଦରଗଡ଼ କାଂଶବାହାଲ ନିକଟରେ ଏକ କାର୍ ପୋଲ ତଳକୁ ଖସି ପଡ଼ିବାରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଦୁଇ ଜଣ ହେଲେ କେସିଙ୍ଗାର ସଂଜୟ ଅଗ୍ରୱାଲ ଓ ଦିନେଶ ଜୈନ। ପୋଲିସ ଦୁର୍ଘଟଣା ସ୍ଥଳରେ ପହଁଚି ମୃତ ଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ମିଳିଥିବା ସୂଚନା ମୁତାବକ, ଦିନେଶ ଓ ସଂଜୟ ଗତକାଲି ବିଳମ୍ବିତ ରାତିରେ ସୁନ୍ଦରଗଡ଼ରୁ କେସିଙ୍ଗା ଫେରୁଥିଲେ । ଏହି ସମୟରେ ୨୬ ନମ୍ବର ଜାତୀୟ ରାଜପଥ ନିକଟ କାଂଶବାହାଲ ବ୍ରିଜ୍‌ରେ କାରଟି ୨୦ ଫୁଟ ତଳକୁ ଖସି ପଡ଼ିଥିଲା । ଦିନେଶ ଫୋନ୍ କରି ନିଜ ସଂପର୍କୀୟଙ୍କୁ ଫୋନ୍ କରି ସୂଚନା ଦେଇଥିଲେ । ମାତ୍ର ଦୁର୍ଘଟଣାସ୍ଥଳର ଠିକଣା କହି ପାରି ନ ଥିଲେ । ତେବେ ଆଜି ସକାଳୁ ଦୁର୍ଘଟଣା ସ୍ଥଳରୁ କାର ଭିତରୁ ଦୁଇ ଜଣଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଛି । ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛି ।

ମାଓ ମୁକାବିଲା ପାଇଁ ଓଡିଶା ଓ ଆନ୍ଧ୍ର କରିବେ ମିଳିତ ଅପରେସନ୍

ଭୁବନେଶ୍ୱର, ୧୫।୫ (ସକାଳ ଖବର): ମାଓବାଦୀ ମୁକାବିଲା ନେଇ ଓଡ଼ିଶା ପୋଲିସ ପକ୍ଷରୁ ତ୍ୱରିତ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଦୁଇ ଦିନରେ ୭ ଜଣ ମାଓବାଦୀଙ୍କୁ ମାରିବାରେ ସଫଳ ହୋଇଥିବା ରାଜ୍ୟ ପୋଲିସ ଆଗକୁ ମାଓ ନିପାତ କରିବା ପାଇଁ ଚେଷ୍ଟା ଚଳାଇଛି । ଏହି ପରିପ୍ରେକ୍ଷୀରେ ଆନ୍ଧ୍ର ସହ ହାତ ମିଳାଇଛି ଓଡ଼ିଶା ପୋଲିସ । ମାଓ ମୁକାବିଲା ପାଇଁ ଓଡିଶା ଓ ଆନ୍ଧ୍ର ପକ୍ଷରୁ ମିଳିତ ଅପରେସନ କରାଯିବ ବୋଲି ପୋଲିସ୍ ଡିଜି ଆର.ପି.ଶର୍ମା କହିଛନ୍ତି । ମାଓ ମୁକାବିଲା ନେଇ ଆନ୍ଧ୍ର ଡିଜିପିଙ୍କ ସହ ବୈଠକ ଶେଷ କରି ଓଡିଶା ଫେରିବା ପରେ ଡିଜିପି ଶ୍ରୀ ଶର୍ମା ଏହା କହିଛନ୍ତି । ସେ କହିଛନ୍ତି ଯେ ବୈଠକରେ ନିଆଯାଇଥିବା ନିଷ୍ପତି ଆଧାରରେ ଅପରେସନ ହେବ । ଅପରେସନରେ ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ଜହ୍ଲାଦ୍ ବାପ

୩ ଲକ୍ଷ ଟଙ୍କା ପାଇଁ ଝିଅ ଓ ନାତି ନାତୁଣୀଙ୍କୁ ହତ୍ୟା କରିଦେଲା



ଜଗତସିଂହପୁର, ୧୫।୫ (ସକାଳ ଖବର): ଜିଲ୍ଲାର କୁଜଙ୍ଗ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଶନି ମନ୍ଦିର ନିକଟ ମହାନଦୀରୁ ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ୍ କରିଛି ପୋଲିସ । ମୃତ ମହିଳାଙ୍କ ବାପା ଅକ୍ଷୟ ସେଠୀ ହିଁ ହତ୍ୟାକାରୀ ବୋଲି ପୋଲିସ କହିଛି । ୩ ଲକ୍ଷ ଟଙ୍କା ଲୋଭରେ ଅକ୍ଷୟ ତାର ବିବାହିତ ଝିଅ, ଦୁଇ ନାତୁଣୀ ଓ ନାତିକୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲା । ହତ୍ୟା ପରେ ପ୍ରମାଣ ନଷ୍ଟ କରିବାକୁ ମରଶରୀର ଗୁଡିକୁ ଘର ନିକଟସ୍ଥ ମହାନଦୀରେ ଫିଙ୍ଗି ଦେଇଥିଲା । ଦୀର୍ଘ ୫ ଦିନର ତଦନ୍ତ ପରେ ପୋଲିସ ହତ୍ୟାକାରୀ ବାପା ଅକ୍ଷୟ ସେଠୀ (୬୦)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅକ୍ଷୟଙ୍କ ପୁଅ ତଥା ମୃତ ମହିଳାଙ୍କ ଭାଇ କାଳିଆ ସେଠୀ (୨୬)କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି ।

ଘଟଣାରୁ ପ୍ରକାଶ ଯେ, ଅକ୍ଷୟଙ୍କ ଜ୍ୱାଇଁ ତଥା ଝିଅ ମାମାଲି ସେଠୀ (୩୦)ଙ୍କ ସ୍ୱାମୀ ବିଶ୍ୱମ୍ଭର ଓରଫ ଅନନ୍ତ ଗତ ଅପ୍ରେଲ ୪ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ବିଶ୍ୱମ୍ଭର ଇଫକୋ ସାର କମ୍ପାନୀରେ କର୍ମଚାରୀ ଥିବାରୁ ତାଙ୍କର ଦୁର୍ଘଟଣାଜନିତ ମୃତ୍ୟୁରେ ପାରାଦ୍ୱୀପ ଇଫକୋ କମ୍ପାନୀ ୩ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପତ୍ନୀ ମାମାଲିଙ୍କ ନାମରେ ପ୍ରଦାନ କରିଥିଲା । ଅନ୍ୟ ବାବଦରୁ ମଧ୍ୟ ମାମାଲିଙ୍କ ନାମରେ ୩/୪ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳିଥିଲା । ଏପରିକି ତାଙ୍କର ୪ ବର୍ଷର ପୁଅ ମୁନାକୁ ପ୍ରାପ୍ତ ବୟସ ହୋଇଥିଲେ ସେ ଇଫକୋ କମ୍ପାନୀରେ ନିଯୁକ୍ତି ମଧ୍ୟ ପାଇଥାନ୍ତା ବୋଲି ଏକ ବୁଝାମଣା ପତ୍ରରେ ମାମାଲି ମଧ୍ୟ ସ୍ୱାକ୍ଷର କରିଥିଲେ । ପୁଅର ନିଯୁକ୍ତି ପର୍ଯ୍ୟନ୍ତ କମ୍ପାନୀ ପରିବାରର ମାସିକିଆ ଖର୍ଚ୍ଚ ନିମନ୍ତେ ପ୍ରତି ମାସରେ ୧୦ ହଜାର ଟଙ୍କା ପ୍ରଦାନ କରୁଥିଲା । ଏଣୁ ମୃତ ମାମାଲିଙ୍କ ପ୍ରାୟତଃ ଦାରିଦ୍ର୍ୟତାର କଷ୍ଟ ନଥିଲା । କିନ୍ତୁ ପିତା ଅକ୍ଷୟଙ୍କର ମାମାଲିଙ୍କ ଲକ୍ଷ ଅର୍ଥ ଉପରେ ଲୋଭ ହୋଇଥିଲା । ଅକ୍ଷୟ ବାରମ୍ବାର ଝିଅ ମାମାଲିକୁ କହୁଥିଲେ ଯେ, ତୁ ଟଙ୍କା ଦେଲେ ତୋର ଅବିବାହିତ ସାନ ଭଉଣୀର ବିବାହ ହେବ । ହେଲେ ମାମାଲି ନିଜର ଦୁଇ ଝିଅ ଓ ଏକମାତ୍ର ପୁଅର ଭବିଷ୍ୟତ ପାଇଁ (ପୃଷ୍ଠା-୭)

fÁÿ H þÉæ ¯ÿæÜÿ†ÿ {ÀÿæS œÿÀÿæLÿÀÿ~{Àÿ D{àÿQœÿêß ASS†ÿ

- þ¿æ{àÿÀÿA› 88% µÿæS, {Ýèÿ 50% µÿæS F¯ÿó fæ¨æœÿê fÀÿ{Àÿ 67% Üæó
- Ó{¯ÿ¨ÿ†ÿœÿ†ÿæ H œÿÀÿæLÿÀÿ~ Lÿæ¾¿Lÿþ ¯ÿ¿æ¨Lÿ LÿÀÿ¯ÿæLÿ þQ¿ ÉÓœÿ Ó¯ÿ¯ÿZ œÿ{"É

[illegible]

¨{ÀÿÉ œÿÿæßLÿÿ {Üÿ{àÿ †ÿæÀÿ{`ÿÀÿÀÿ œÿÿ†ÿœÿ D¨ fàÿæ¨æÀÿ

[illegible]

þæH¯ÿæ'ÿêZÿ Ó¸ †ÿ ¯ÿ¿æfæ© ¨æB D'ÿ¿þ Aæÿ» þæÿLÿæœÿSÀÿ 3 þæH{œÿ†ÿæ †ÿæÿLÿæ{Àÿ Ad;ÿ

[illegible]

¨vÿæ~ Óæþ;ÿ {þ™æ¯ÿ^ÿ ¨Àÿêäæ{Àÿ Àÿ~f†ÿ H Àÿ'ÿ¨æ¨ {Üÿ{àÿ ¯ÿLÿ sªÿ

[illegible]

ÓœÿS A†ÿZÿ¯ÿæ'ÿêÀÿ Ó¸ †ÿ †ÿæÿLÿæ ¨æB Àÿæf×œÿ ¨àÿÓ {Lÿ¢ÿ¨Ýÿæ{Àÿ

[illegible]

Àÿæþ þ¢ÿÀÿ{Àÿ Óæ¯ÿ†ÿê ¯ÿ†ÿ ¨æÀÿ{àÿ 100 LÿœÿÀÿ

[illegible]

{þæ ÔÿÀÿ Lÿæ¾¿Lÿþ ¨æB Àÿæf¿ ÓÜÿ†ÿ ÓÓ {'ÿÉ ¯ÿ{'ÿ{Àÿ þš AæSÿ ÓÎ

[illegible]

™æþœÿSÀÿ œÿ¯ÿæ`ÿêþ þƒÀÿêÖÀÿß ÜÿæsAæ S ¨Éä~ É¯ÿÀÿ Aœÿ Ï†ÿ

[illegible]

¯ÿLÿæÀÿ {'ÿ{þ{Àÿ µÿ{ÿœÿþ{ÿ{ÜÿA¯ÿ¿ {Lÿæ{þ œÿÿæ Àÿ{Lÿ¿æ{Lÿ 6 SÀÿÿþ

[illegible]

AæÓ;ÿæ þæÓÀÿ Lÿæ¾¿äþ {Üÿ¯ÿ µÿœÿäþ ¨†ÿÏœÿ AæD 3 àÿä 48 Üÿ fæÀÿ Üÿ†ÿæ™Lÿæ Àÿê ¨æB{ ÿ µÿ^ÿæ

[illegible]

µÿæS¯ÿ†ÿ sèÿÀÿ ¨œÿÀÿ•æÀÿ ¨æB 9 {Lÿæs sZÿæÀÿ ¯ÿ¿ß ¯ÿÀÿæ'ÿ LÿÀÿæ¾æBd

[illegible]

µÿqLÿæÀÿ þf¨{Àÿ Éêß{'ÿ Óþ{ÀÿæÜÿ{Àÿ f{~ œÿ†ÿ¿ÉÀÿê

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate, BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick
Óó¨æ'ÿLÿ : Aþ†ÿ Lÿþæ Àÿ þàÿLÿ